## କେନାଲ ପାଣି ଯୋଗାଣ ଦାବି
# ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ

**ଭବାନୀପାଟଣା/ ଧର୍ମଗଡ଼, ୨୬।୪(ସମିସ)**



ଚାଷୀଙ୍କ ସମସ୍ୟା ଥମିବାର ନା ନେଉନି। କେତେବେଳେ ଧାନ କ୍ରୟ କରିବାରେ ହଇରାଣ ହରକତ ପୁଣି ସାର ବିହନ ଓ ବିଭିନ୍ନ ସମସ୍ୟାରେ ବୁଡି ରହିଛି। ଖରିଫ ଫସଲ ସାରି ଥିବାବେଳେ ଏବେ ରବି ଫସଲ ପ୍ରକ୍ରିୟା ଆରମ୍ଭ କରିଛି। ଧାନ ରୁଆ ବେଉସା ଶେଷ କରିଥିବା ବେଳେ ବଡ଼ ସମସ୍ୟା ଭାବେ କେନାଲ ଜଳ ଅଭାବ ଦେଖାଦେଇଛି। ଇନ୍ଦ୍ରାବତୀ କେନାଲ ପାଣି ଭରସା କରି ଚାଷ ଆରମ୍ଭ କରିଥିବା ବେଳେ ଠିକ୍ ଧାନ ଉଠିବା ଆରମ୍ଭ କରିଥିବା ବେଳେ କେନାଲ ପାଣି ପହଞ୍ଚି ପାରୁ ନ ଥିବା ଜଣାପଡ଼ିଛି। ଯାହାକୁ ନେଇ ପୁଣି ତାତିଛି ଚାଷୀ। ଇନ୍ଦ୍ରାବତୀ ବାମ କେନାଲରେ ପାଣି ଯୋଗାଣ ଦାବିରେ ଚାଷୀମାନଙ୍କ ଆନ୍ଦୋଳନ ତୀବ୍ର ରୂପ ନେଇଛି। ରବିବାର ଶତାଧିକ ଚାଷୀ ଏକତ୍ରିତ ହୋଇ ଧର୍ମଗଡ଼ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଧିକାରୀମାନଙ୍କୁ ତାଲା ଦେବା ସହ ଭବାନୀପାଟଣା-ରାୟପୁର ଜାତୀୟ ରାଜପଥ-୧୩୦ସିକୁ ଅବରୋଧ କରି ଜୋରଦାର ପ୍ରତିବାଦ କରିଛନ୍ତି। ଚାଷୀମାନଙ୍କ କହିବା ଅନୁସାରେ, ଦୀର୍ଘଦିନ ଧରି କେନାଲରେ ପାଣି ନ ଆସିବାରୁ ଚାଷ କାମ ଗୁରୁତର ପ୍ରଭାବିତ ହୋଇଛି। ବିଶେଷକରି ଏହି ତୀବ୍ର ଗ୍ରୀଷ୍ମ ଋତୁରେ ଜଳ ସଂକଟ ଯୋଗୁଁ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ବଢ଼ିଛି। ଏହି ପରିସ୍ଥିତିରେ ସରକାରଙ୍କ ନିଷ୍କ୍ରିୟତାକୁ ଦାୟୀ କରି ଚାଷୀମାନେ ରାସ୍ତା ଅବରୋଧ କରିଥିଲେ। ରାସ୍ତା ଅବରୋଧ କାରଣରୁ ଜାତୀୟ ରାଜପଥରେ ଯାନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଥିଲା ଏବଂ ଦୀର୍ଘ ସମୟ ଧରି ଗାଡ଼ିମାନେ ରାସ୍ତାରେ ଅଟକି ରହିଥିଲେ। ଯଦି ଶୀଘ୍ର କେନାଲରେ ପାଣି ଯୋଗାଣ ବ୍ୟବସ୍ଥା ନ ହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ସୂଚନା ଅନୁଯାୟୀ ଅଧୀକ୍ଷଣଯନ୍ତ୍ରୀଙ୍କ ସହ ଚାଷୀମାନଙ୍କ ଆଲୋଚନା ହୋଇଛି। ଖୁବ ଶୀଘ୍ର କେନାଲରେ ଜଳ ଯୋଗାଣ କରାଯିବା ନେଇ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଠିକଣା ସମୟରେ ଜଳଯୋଗାଣ ହୋଇ ନ ପାରିଲେ ପୁଣି ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

## ବନ ବିଭାଗର ନିର୍ଯାତନା ଅଭିଯୋଗ
# ୩ ଆଦିବାସୀଙ୍କୁ ମାମଲାରେ ଫସାଇବା ନେଇ ତୀବ୍ର ପ୍ରତିକ୍ରିୟା



**ଥୁଆମୂଳରାମପୁର, ୨୬।୪(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ କର୍ଲାପାଟ ଥାନା ଅଞ୍ଚଳର କିଆପଦର ଓ ତେତେଲପଦର ଗାଁରେ ବନବିଭାଗ ଦ୍ୱାରା ୩ ଜଣ ଆଦିବାସୀଙ୍କୁ ନିର୍ଯାତନା ଓ ମିଥ୍ୟା ମାମଲାରେ ଫସାଇବା ଅଭିଯୋଗ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ତୀବ୍ର ହୋଇଛି। ଅଭିଯୋଗ ଅନୁଯାୟୀ, ତେତେଲପଦର ଗାଁର ୩ ଜଣ ଆଦିବାସୀଙ୍କୁ ଜଙ୍ଗଲରେ ନିଆଁ ଲଗାଇବା ଦୋଷ ଦେଇ ବନବିଭାଗ କର୍ମଚାରୀମାନେ ମାଡ଼ ମାରିବା, ଗାଳିଗୁଲଜ କରିବା ସହିତ ସେମାନଙ୍କ ନାମରେ ଥାନାରେ ମାମଲା ରୁଜୁ କରିଥିଲେ। ପରେ ସେମାନେ ଜାମିନରେ ମୁକ୍ତି ପାଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଜଙ୍ଗଲ ଅଧିକାର ଆଇନ ବଳରେ ମିଳିଥିବା ଜମିରେ ଚାଷ ପାଇଁ ପ୍ରସ୍ତୁତି କରୁଥିବା ସମୟରେ ଏହି ଘଟଣା ଘଟିଥିଲା। ବନବିଭାଗ ପକ୍ଷରୁ ଅନ୍ୟାୟ ଭାବେ ଅଭିଯୋଗ ଲଗାଇ ନିର୍ଯାତନା ଦିଆଯାଇଥିବାରୁ ପୀଡ଼ିତମାନେ ନ୍ୟାୟ ପାଇଁ ଦାବି କରୁଛନ୍ତି। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ସମାଜସେବୀ ଦିଲୀପ ଦାସ ମାନବାଧିକାର କମିସନଙ୍କ ନିକଟରେ ଅଭିଯୋଗ କରିଥିବା ସୂଚନା ମିଳିଛି। ଏପରିସ୍ଥିତିରେ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ଦଳିତ ଆଦିବାସୀ ମହାସଂଘ, କଳାହାଣ୍ଡି ପକ୍ଷରୁ ଶନିବାର ଗ୍ରାଉଣ୍ଡ ଜିରୋରେ ପହଞ୍ଚି ଘଟଣାର ସତ୍ୟାନୁସନ୍ଧାନ କରାଯାଇଛି। ମହାସଂଘର ସଭାପତି ପରମାନନ୍ଦ ମାଝୀ, କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ନାଏକ, ମହାସଚିବ ଦେବୀ ପ୍ରସାଦ ସିନ୍ଦୁର ଓ ସମାଜସେବୀ ତ୍ରିଲୋଚନ ପାଣିଗ୍ରାହୀ ପ୍ରମୁଖ ପୀଡ଼ିତ ପରିବାରଙ୍କ ସହ ଆଲୋଚନା କରିଥିଲେ। ସେମାନେ ପୀଡ଼ିତମାନଙ୍କୁ ଆଇନ ଅନୁଯାୟୀ ସମ୍ପୂର୍ଣ୍ଣ ସହଯୋଗ ଓ ନ୍ୟାୟ ଦେବା ପାଇଁ ଆଶ୍ୱାସନା ଦେଇଥିବା ବେଳେ, ଘଟଣାର ସଠିକ୍ ତଦନ୍ତ କରି ଦୋଷୀଙ୍କ ବିରୋଧ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

**ଗ୍ରାଉଣ୍ଡ ଜିରୋରେ ପହଞ୍ଚିଲା ଦଳିତ ଆଦିବାସୀ ମହାସଂଘ**

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ନୂଆପଡ଼ା/କୋମନା, ୨୬।୪(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା କୋମନା ସଦରମହକୁମାର ରାଣୀବନ୍ଧ ପୋଖରୀରେ ବୁଡି କୁଞ୍ଜ ବିହାରୀ ମହାରଥା ନାମକ ଜନୈକ ଯୁବକଙ୍କ ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ କୁଞ୍ଜ ବିହାରୀ ରାଣୀବନ୍ଧ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ସମୟରେ ହଠାତ ଗଭୀର ପାଣି ବୁଡି ଯାଇଥିଲେ। ପରେ ଶବ ପାଣି ଭିତରେ ଭାସୁଥିବା ଲୋକେ ଦେଖି ପୁଲିସକୁ ଜଣାଇଥିଲେ। ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଆମପାଣି ଘାଟିରେ ଦୁର୍ଘଟଣା ; ଜଣେ ଗୁରୁତର

**କୋକସରା, ୨୬।୪ (ସମିସ):** କଳାହାଣ୍ଡି-ନବରଙ୍ଗପୁର ଜିଲ୍ଲା ସୀମାନ୍ତ ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ ଆମପାଣିଘାଟି ରାସ୍ତାରେ ରବିବାର ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍-ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ଭବାନୀପାଟଣାର ସୁଭେନ୍ଦୁ କୁମାର ରାଉତ (୪୦) ବୋଲି ଜଣାପଡ଼ିଛି। ସେ ନବରଙ୍ଗପୁର ଜିଲ୍ଲା ଝାଳିଆଗୁଡାରୁ ବିବାହ କାର୍ଯ୍ୟରେ ଯୋଗଦେଇ ଶ୍ୱଶୁର ଘର କଳାହାଣ୍ଡି ଜିଲ୍ଲା ଜୟପାଟଣାକୁ ଫେରୁଥିଲେ। ଆମପାଣି ଘାଟି ରାସ୍ତାର ଟାଙ୍ଗରାପଖା ନିକଟରେ ବିପରିତ ଦିଗରୁ ଆସୁଥିବା ଏକ ଟ୍ରକ୍ ସହିତ ତାଙ୍କ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଫଳରେ ସୁଭେନ୍ଦୁ ରାସ୍ତାରେ ଗୁରୁତର ହୋଇ ପଡ଼ିଥିଲେ। ରାସ୍ତାରେ ଯାତାୟାତ କରୁଥିବା ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଶୁଭେନ୍ଦୁଙ୍କୁ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକ୍କୁ ମୈଦଲପୁର ଥାନାରେ ଅଟକ ରଖା ଯାଇଥିବା ଜଣାପଡ଼ିଛି।

## ଆଇନ ସଚେତନତା କାର୍ଯ୍ୟକ୍ରମ

**ଧର୍ମଗଡ଼, ୨୬।୪(ସମିସ):** ଧର୍ମଗଡ଼ ତାଲୁକ ଆଇନ ସେବା ସମିତ ପକ୍ଷରୁ ସ୍ଥାନୀୟ ମହିଳା ଡିଗ୍ରୀ କଲେଜରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଗୁଣ୍ଡିଚା ସମନ୍ତସିଂହାର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଆଇନ ଅଧିକାର ସମ୍ପର୍କରେ ସଜାଗ ରହିବାକୁ ଓ ସମାଜରେ ନ୍ୟାୟ ପ୍ରତିଷ୍ଠାରେ ନିଜ ଭୂମିକା ନେବାକୁ ପ୍ରେରିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଦେୱାନୀ ବିଚାରପତି ଇପ୍ସି ମହାନ୍ତି, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ଶ୍ରୀକାନ୍ତ ପାଢ଼ୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଚନ୍ଦନ ସେଠି, ରିଟେନର ସଂଯୁକ୍ତା ପଣ୍ଡା, କଲେଜର ଅଧ୍ୟକ୍ଷା ମୂର୍ତ୍ତି ମଞ୍ଜରୀ ପଣ୍ଡା ଓ ପ୍ରଶାନ୍ତ କୁମାର ଯୋଶୀ ପ୍ରମୁଖ ମଞ୍ଚାସୀନ ଥିଲେ।ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟସ୍ଥଳୀରେ ମହିଳାଙ୍କୁ ହେଉଥିବା ଯୌନ ଉତ୍ପୀଡନ ବିରୋଧୀ ପୋକ୍ସ ଆଇନ ବିଷୟରେ ସବିସ୍ତାର ଜ୍ଞାନ ଦିଆଯାଇଥିଲା। ଏହା ସହିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଉପରେ ଅତ୍ୟାଚାର ନିବାରଣ ସମ୍ବନ୍ଧୀୟ ଆଇନ ଉପରେ ମଧ୍ୟ ସ୍ୱଷ୍ଟ ଓ ବ୍ୟାପକ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଲକ୍ଷପତି ନାଏକ, ଅଧ୍ୟାପିକା ଜୟନ୍ତୀ ମୁଦୁଲି, କୁମୁଦିନୀ ନାଏକ, ଅର୍ଚ୍ଚନା ଗୁଛି, ପଦ୍ମାଳୟା ଦଣ୍ଡସେନା ଆଦି ଉପସ୍ଥିତ ଥିଲେ।

## ■ ସଂରକ୍ଷିତ ଜଙ୍ଗଲରେ ବ୍ୟାପୁଛି ବନାଗ୍ନି
# ମୂଲ୍ୟବାନ ବୃକ୍ଷ ସହ ବିପଦରେ ବନ୍ୟଜନ୍ତୁ

**ଥୁଆମୂଳରାମପୁର, ୨୬।୪ (ସମିସ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅଞ୍ଚଳରେ ବନାଗ୍ନି ଘଟଣା ଦିନକୁ ଦିନ ଭୟାବହ ଆକାର ଧାରଣ କରୁଛି। ସଂରକ୍ଷିତ ଜଙ୍ଗଲ ସହ ବିଭିନ୍ନ ଅଞ୍ଚଳରେ ନିଆଁ ଲାଗିବା ଘଟଣା ନିୟମିତ ଭାବେ ଦେଖାଯାଉଥିବାରୁ ପରିବେଶ ଓ ଜନଜୀବନ ଉଭୟ ଗୁରୁତର ଭାବେ ପ୍ରଭାବିତ ହେଉଛି। ଥୁଆମୂଳ ରାମପୁର ଅଞ୍ଚଳର ଅରଖପେଡ଼ି ନିକଟସ୍ଥ ଦୁଇଭଉଣୀ ସଂରକ୍ଷିତ ଜଙ୍ଗଲ, ସିଙ୍ଗାରି ଜଙ୍ଗଲ, ଦେରଗୁଡା, ଅମଠାଗୁଡା କଲେଜ ଡଙ୍ଗର, ମାନିଆଗୁଡା ଓ ରାଣୀଡୁମେର ଜାମଖୋଲା ଡଙ୍ଗର ଭଳି ଅନେକ ଅଞ୍ଚଳରେ ବନାଗ୍ନି ଲାଗିଥିବା ସୂଚନା ମିଳିଛି। ରାଜସ୍ୱ ବିଭାଗ ଅଧୀନରେ ଥିବା ଅନେକ ଜଙ୍ଗଲ ସ୍ୱାହା ହୋଇସାରିଛି। ମୂଲ୍ୟବାନ ଗଛ ଓ ବନ୍ୟଜୀବ ପ୍ରଭାବିତ ଶାଳ, ପିଆଶାଳ, ଶାଗୁଆନ, ଗମ୍ଭାରୀ ଭଳି ମୂଲ୍ୟବାନ ଗଛ ସହ ଅନେକ ଔଷଧୀୟ ଉଦ୍ଭିଦ ନଷ୍ଟ ହେଉଛି। ବନାଗ୍ନିର ପ୍ରଭାବରେ ବାର୍ହା, କୁଟୁରା, ମୟୂର ଭଳି ବନ୍ୟଜନ୍ତୁ ଓ ପକ୍ଷୀ ମଧ୍ୟ ଆତଙ୍କିତ ଓ ପ୍ରଭାବିତ ହେଉଛନ୍ତି। ସେପରି କୀଟପତଙ୍ଗ ମଧ୍ୟ ନଷ୍ଟ ହେବାରୁ ଭବିଷ୍ୟତ ଜଙ୍ଗଲ ସୃଷ୍ଟିରେ ବାଧା ସୃଷ୍ଟି ହେଉଛି। ବାଉଁଶ ଗଛ ଅଧିକ ଥିବାରୁ ଶୁଖିଲା ପତ୍ରରେ ନିଆଁ ଦ୍ରୁତ ଭାବେ ଛଡାଯାଉଛି। ପୋଡୁ ଚାଷ ପାଇଁ ବନବାସୀଙ୍କ ଦ୍ୱାରା ଜଙ୍ଗଲକୁ ନିଆଁ ଲଗାଯାଉଛି। ଜାଳେଣୀ ସଂଗ୍ରହ ସମୟରେ ଅସାବଧାନତା (ବିଡ଼ି ନିଆଁ)। ମହୁଲ ଫୁଲ ସଂଗ୍ରହ ପାଇଁ ପତ୍ର ଜଳାଇବା। ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହେଉଥିଲେ ମଧ୍ୟ ଏହାର ପ୍ରଭାବ ଦୃଶ୍ୟମାନ ନୁହେଁ। ପୋଡୁ ଚାଷ ନିୟନ୍ତ୍ରଣରେ କଠୋର ପଦକ୍ଷେପ ନ ନିଆଯାଇବାରୁ ସମସ୍ୟା ବଢ଼ିଚାଲିଛି। ଏହାସହ ଅଗ୍ନିନିର୍ବାପଣ ପାଇଁ ପ୍ରଯାପ୍ତ କର୍ମଚାରୀ ଓ ଯାନବାହନର ଅଭାବ ଦେଖାଯାଉଛି। ନିଆଁ ଲିଭାଳି ବଲ ଓ ଅଗ୍ନିଶମ ବ୍ୟବସ୍ଥା ଥିଲେ ମଧ୍ୟ ପ୍ରାୟୋଗିକ ଭାବେ ସେଗୁଡିକ କାମ କରୁନାହିଁ। ବିଶାଳ ଅଞ୍ଚଳରେ ନିଆଁ ପ୍ରସାର ହେବାରୁ ତାହାକୁ ଆୟତ୍ତ କରିବା କଷ୍ଟସାଧ ହେଉଛି। ନୂଆ ଜଙ୍ଗଲ ସୃଷ୍ଟି ନ ହେବା ସହ ବର୍ତ୍ତମାନ ଜଙ୍ଗଲ ଧ୍ୱଂସ ହେଉଥିବାରୁ ପରିବେଶୀୟ ସନ୍ତୁଳନ ଭଙ୍ଗ ହେଉଛି। ଆଗାମୀ ଦିନରେ ଏହା ଜଳବାୟୁ ଓ ଜୀବବୈବିଧ୍ୟ ପାଇଁ ଗୁରୁତର ସଙ୍କଟ ନିମନ୍ତ୍ରଣ କରିପାରେ। ଥୁଆମୂଳ ରାମପୁର ଅଞ୍ଚଳରେ ବନାଗ୍ନି ଏବେ ଗୁରୁତର ରୂପ ନେଇଛି। ଏହାକୁ ନିୟନ୍ତ୍ରଣ ପାଇଁ ବନ ବିଭାଗ, ସ୍ଥାନୀୟ ପ୍ରଶାସନ ଓ ଲୋକମାନଙ୍କ ମିଳିତ ପ୍ରୟାସ ଅତ୍ୟାବଶ୍ୟକ।



## ସିଝୁଛି କଳାହାଣ୍ଡିର କାଶ୍ମୀର
# ବନାଗ୍ନି ଓ ପୋଡୁଚାଷର ପ୍ରଭାବ

**ଥୁଆମୂଳରାମପୁର, ୨୬।୪ (ସମିସ):** କଳାହାଣ୍ଡି ଜିଲ୍ଲାର ପର୍ବତମାଳା ଓ ସବୁଜ ପରିବେଶ ପାଇଁ ପରିଚିତ ଥୁଆମୂଳ ରାମପୁର ଅଞ୍ଚଳ ଏବେ ଗଭୀର ପରିବେଶ ସଙ୍କଟ ସମ୍ମୁଖୀନ ହୋଇଛି। କଳାହାଣ୍ଡିର କାଶ୍ମୀର ଭାବେ ପରିଚିତ ଏହି ଅଞ୍ଚଳ ଅସହ୍ୟ ତାପମାତ୍ରା, ବନାଗ୍ନି ଓ ପୋଡୁଚାଷର ପ୍ରଭାବରେ ଦିନକୁ ଦିନ ଉତପ୍ତ ହୋଇପଡୁଛି। ପୋଡୁଚାଷରେ ନଷ୍ଟ ହେଉଛି ଜଙ୍ଗଲ ସ୍ଥାନୀୟ ଅଞ୍ଚଳରେ ପୋଡୁଚାଷ ପାଇଁ ଶହଶହ ଏକର ଜଙ୍ଗଲ ଜଳାଯାଉଥିବା ଦୃଶ୍ୟ ଦେଖାଯାଉଛି। ଏହାର ପରିଣାମରେ ପରିବେଶ ସନ୍ତୁଳନ ଭଙ୍ଗ ହେଉଛି। ଜଙ୍ଗଲ ନଷ୍ଟ ହେବାରୁ ମାଟିର ଆର୍ଦ୍ରତା କମିଯାଉଛି ଓ ତାପମାତ୍ରା ବଢୁଛି। ବନାଗ୍ନି ଧୂଆଁରେ ଅଣନିଶ୍ୱାସୀ ମଣିଷ ବନାଗ୍ନି ଘଟଣା ବୃଦ୍ଧି ପାଇଥିବାରୁ ଧୂଆଁରେ ପରିବେଶ ଦୂଷିତ ହେଉଛି। ଏହାର ପ୍ରଭାବରେ ଲୋକମାନେ ଶ୍ୱାସକଷ୍ଟ, ଆଖିର ଜ୍ୱଳା ଭଳି ସମସ୍ୟାରେ ପଡୁଛନ୍ତି। ବୃଦ୍ଧ ଓ ଶିଶୁମାନେ ସବୁଠୁ ଅଧିକ ପ୍ରଭାବିତ ହେବା ସହିତ ହୃଦରୋଗୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି।। ଅସହ୍ୟ ତାପମାତ୍ରାରେ ଜନଜୀବନ ଅସ୍ତବ୍ୟସ୍ତ ଗତ କିଛି ଦିନ ଧରି ତାପମାତ୍ରା ଅସାମାନ୍ୟ ଭାବେ ବଢ଼ିବାରୁ ସାଧାରଣ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦିନ ମଧ୍ୟଭାଗରେ ଲୋକମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଶୁଷ୍କ ହେଉଛି ଜଳଉତ୍ସ ଅତ୍ୟଧିକ ତାପ ଓ ବନ ନଷ୍ଟ ଯୋଗୁଁ ଅଞ୍ଚଳର ଝରଣା, ନଦୀ ଓ କୁଆଁ ମାନେ ଶୁଷ୍କ ହେବାକୁ ବସିଛି। ପାନୀୟ ଜଳ ସମସ୍ୟା ଦିନକୁ ଦିନ ଗଭୀର ହେଉଛି। ଜୀବଜନ୍ତୁଙ୍କ ଜୀବନ ବିପଦରେ ପରିବେଶର ଏହି ଅସନ୍ତୁଳନରେ ଜଙ୍ଗଲି ପ୍ରାଣୀମାନେ ଖାଦ୍ୟ ଓ ପାଣି ଖୋଜି ଗାଁ ମୁହାଁ ଦେଉଛନ୍ତି। ଏହାରେ ମଣିଷ-ପ୍ରାଣୀ ସଂଘର୍ଷ ଆଶଙ୍କା ବଢ଼ିଛି। ପ୍ରଶାସନ ଓ ସଚେତନତାର ଆବଶ୍ୟକତା ସ୍ଥାନୀୟ ଲୋକମାନଙ୍କ ମତାନୁସାରେ, ପୋଡୁଚାଷ ଉପରେ ନିୟନ୍ତ୍ରଣ, ବନସୁରକ୍ଷା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ତୁରନ୍ତ ଆବଶ୍ୟକ। ପ୍ରଶାସନଙ୍କ ତତ୍କାଳ ହସ୍ତକ୍ଷେପ ନ ହେଲେ ଆଗାମୀ ଦିନରେ ପରିସ୍ଥିତି ଅଧିକ ଗଭୀର ହେବାର ଆଶଙ୍କା ରହିଛି। ଥୁଆମୂଳ ରାମପୁରରେ ଦେଖାଯାଉଥିବା ପରିବେଶୀୟ ସଙ୍କଟ କେବଳ ଏକ ସ୍ଥାନୀୟ ସମସ୍ୟା ନୁହେଁ, ବରଂ ଆମ ସମସ୍ତଙ୍କ ପାଇଁ ଏକ ସତର୍କ ସଙ୍କେତ। ପରିବେଶ ସୁରକ୍ଷା ପାଇଁ ସାମୂହିକ ପଦକ୍ଷେପ ନେବା ଆବଶ୍ୟକତା ରହିଛି।



**ଥୁଆମୂଳରାମପୁରରେ ପରିବେଶ ସଙ୍କଟ ଉଦ୍‌ବେଗଜନକ**

## ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ମ୍ୟାଲେରିଆ ଦିବସ

**ସିନାପାଲି, ୨୬।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ହୋଇଯାଇଛି। ଗୋଷ୍ଠି ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀମାନ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଡାକ୍ତର ମନସ୍ୱିନି ପଟ୍ଟନାୟକ, ବିପିଏମ ରତ୍ନମଣି ଭୁଇ, ପିଏଚଇଓ ଅଙ୍ଗଦରାମ ମାଝୀ, ସ୍ୱାସ୍ଥ୍ୟ ପରିଦର୍ଶକ ହୃଷିକେଶ ସା, ଭିବିଡିଟିଏସ ଦିବ୍ୟ ରଞ୍ଜନ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ମ୍ୟାଲେରିଆ ରୋଗ ଏବଂ ତାର ପ୍ରତିକାର ଉପରେ ମତ ପ୍ରକାଶ କରିବା ସହିତ ଏବର୍ଷର ବିଷୟବସ୍ତୁ 'ମ୍ୟାଲେରିଆକୁ ଶେଷ କରିବା ପାଇଁ ସଂକଳ୍ପବଦ୍ଧ-ଏବେ ଆମେ କରିପାରିବା, ଏବେ ଆମକୁ କରିବାକୁ ହେବ'ଏହି ବାର୍ତ୍ତାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଏବଂ ମ୍ୟାଲେରିଆ ନିରାକାରଣରେ ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ଆଲୋକପାତ କରାଯିବା ସହ ଶପଥ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟକର୍ମୀ ସୁନୀଲ ଠାକୁର, କାଞ୍ଚନ ମହଲଦାର, ବାସନ୍ତୀ ସେଠୀ, ଜାହ୍ନବି ମାଝୀ, ରଶ୍ମିତା ସୁପକାର, ସବେତ୍ରୀ ମେହେର, କୁଲଦୀପ ପୋଢ଼, ତ୍ରିଲୋଚନ ମାଝୀ, ସତ୍ୟମ ଯୋଶୀ ଏବଂ ଆଶା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।ଉକ୍ତ କାର୍ଯ୍ୟକ୍ରମ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ତ ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରେ ପାଳନ କରାଯିବ ବୋଲି ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ସୂଚନା ମିଳିଛି।

## ପୁନିଗୁଡ଼ାରେ ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ମୂଷାନାଲ ଚାମ୍ପିଅନ

**ଲାଞ୍ଜିଗଡ଼, ୨୬।୪ (ସମିସ):** ଲାଞ୍ଜିଗଡ଼ ବ୍ଲକ କୁମଖାଲ ପଞ୍ଚାୟତ ପୁନିଗୁଡ଼ା ଗାଁ ଖେଳ ପଡ଼ିଆରେ ଚାଲିଥିବା ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ମ୍ୟାଚ୍ ହରିହରପୁର ଓ ମୂଷାନାଲ ଦଳ ମଧ୍ୟରେ ହୋଇଥିଲା। ପ୍ରଥମେ ହରିହରପୁର ଦଳ ଟସ୍ ଜିତିଥିଲେ ହେଁ ମୂଷାନାଲ ଦଳକୁ ବ୍ୟାଟିଂ କରିବା ପାଇଁ ସୁଯୋଗ ଦେଇଥିଲା। ମୂଷାନାଲ ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୬ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରିଥିଲା। ଜବାବରେ ହରିହରପୁର ଦଳ ୧୨ ଓଭରରେ ୪ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରି ମୂଷାନାଲ ଦଳ ଠାରୁ ପରାଜୟ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ କୁମଖାଲ ସରପଞ୍ଚ ସାହୁରୁ ମାଝୀ, ସମ୍ମାନିତ ଅତିଥି ଭାବେ ପୁନିଗୁଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶନ୍ନ ନାଏକ, ଲାଞ୍ଜିଗଡ଼ ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଙ୍ଗଠନର ଆବାହକ ମୁଲୁ ମାଝୀ, ସମାଜସେବୀ ସୁଶୀଲ ବିଭାର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅତିଥିଙ୍କ ଦ୍ୱାରା ବିଜେତା ଖେଳାଳିଙ୍କୁ ନଗଦ ଅର୍ଥରାଶି ସହିତ ଟ୍ରଫି ଓ ପରାଜିତ ଦଳକୁ ମଧ୍ୟ ଅର୍ଥରାଶି ସହିତ ଟ୍ରଫି ପୁରସ୍କାର ପ୍ରଦାନ କରାଯାଇଥିଲା। ବିକ୍ରମ ମାଝୀ, ବିଶ୍ୱନାଥ ମାଝୀ, ରଞ୍ଜିତ ହରିଜନ ଓ ସମୀର ମାଝୀ ଅମ୍ପାୟାର ଭାର ତୁଲାଇ ଖେଳ ପରିଚାଳନା କରିଥିବାବେଳେ ଗୁଣନିଧି ବେହେରା ସ୍କୋର ବୋର୍ଡ଼ ଦାୟିତ୍ୱ ତୁଲାଇଥିଲେ। ବିସିକେଶନ ହରପାଲ ଓ ଯୁବ ସାମ୍ବାଦିକ ମଳୟ ବେନୁଆଁ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ପୁନିଗୁଡ଼ା କ୍ୟାପଟେନ ବିକ୍ରମ ମାଝୀ ସମେତ ନବୀନ ମାଝୀ, ତପନ ମାଝୀ, ପ୍ରଶାନ୍ତ ମାଝୀ, କୈଳାସ ମାଝୀ, ଉପେନ୍ଦ୍ର ହରପାଳ, ଗୁପ୍ତେଶ୍ୱର ହରପାଲ, ଜିତୁ ମାଝୀ, ପୀତବାସ ମାଝୀ, ଘାସିରାମ ବିଭାରଙ୍କ ସମେତ ପୁନିଗୁଡ଼ା ଯୁବକ ସଂଘର ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।



## ହୋମଗାର୍ଡଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସିନାପାଲି, ୨୬।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନାରେ କାର୍ଯ୍ୟରତ ହୋମଗାର୍ଡ (ଗୃହରକ୍ଷୀ) ଯାଦବ ଚନ୍ଦ୍ର ଜଗତଙ୍କୁ ନୂଆପଡ଼ା ପୁଲିସ ମୁଖ୍ୟାଳୟରେ ନୂଆପଡ଼ା ଏସ୍‌ପି ଅମ୍ରିତ ପାଲ ସିଂ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି। ଶ୍ରୀ ଜଗତଙ୍କ କାର୍ଯ୍ୟାବଳୀ ଓ ନୀତି ଆଦର୍ଶକୁ ମନେ ପକାଇବା ସହ ଜଣେ ନିଷ୍ଠା ଓ କର୍ତ୍ତବ୍ୟ ପରାୟଣ ଭାବରେ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଥିବା କହି ପ୍ରଶଂସା କରିଥିଲେ। ସିନାପାଲି ଥାନା ଅଧିକାରୀ ଦୁର୍ଗାମାଧବ ବାଗଙ୍କ ସଭାପତିତ୍ୱରେ ମଧ୍ୟ ସିନାପାଲି ଥାନାରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଛି। ସିନାପାଲି ଥାନାର କର୍ମଚାରୀ ଓ ହୋମ ଗାର୍ଡ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶ୍ରୀ ଜଗତ ଗତ ୨୮.୮.୧୯୮୩ ମସିହାରେ ଗୃହରକ୍ଷୀ ଭାବେ ନିଯୁକ୍ତି ପାଇ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ।

## କଳମପୁର ଜେପିଏଲ୍ ସିଜନ ୨ କ୍ରିକେଟ ଟୁର୍ଣ୍ଣାମେଣ୍ଟ
# କଳମପୁର ପଞ୍ଚାୟତ ଏକାଦଶ ଦଳ ଚାମ୍ପିଅନ



**କଳମପୁର, ୨୪।୪(ସମିସ):** କଳମପୁର ବ୍ଲକ ଜର୍ଣ୍ଣାଲିଷ୍ଟ ପ୍ରିମିୟମ ଲିଗ ସିଜନ ୨ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଗତ ୨୦ ତାରିଖ ଦିନ କଳମପୁର ମିନି ଷ୍ଟଡିୟମରେ ଉଦ୍‌ଘାଟିତ ହୋଇଥିଲା।କଳମପୁର ମାଁ ଲଙ୍କେଶ୍ୱରୀଙ୍କ ମନ୍ଦିରରୁ ପୂଜାର୍ଚ୍ଚନା ପରେ ଖେଳାଳି ଓ ଖେଳ ପରିଚାଳନା କମିଟିର ସଦସ୍ୟଙ୍କ ଶୋଭାଯାତ୍ରାରେ ନଗର ପରିକ୍ରମାରେ ବାହାରି ମଶାଲକୁ ଖେଳ ପଡ଼ିଆରେ ସ୍ଥାପନ କରିବା ପରେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା। କଳମପୁର ପଞ୍ଚାୟତ ଏକାଦଶ ଦଳ ଚାମ୍ପିଅନ ହୋଇଥିବା ବେଳେ ବନ୍ଧକନା ପଞ୍ଚାୟତ ଏକାଦଶ ଦଳ ରନର୍ସଅପ ହୋଇଥିଲେ। ଟୁର୍ଣ୍ଣାମେଣ୍ଟ ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ଖେଳ ପରିଚାଳନା କମିଟିର ସଭାପତି ଭାବେ ପରମାନନ୍ଦ ଠାକୁର, ସାଧାରଣ ସମ୍ପାଦକ ଶେଷଦେବ ନାଏକ, କାର୍ଯ୍ୟକର୍ତ୍ତା ଟୁନା ବିହାରୀ, ଅଜିତ ପୁଝାରୀ ଦାୟିତ୍ୱ ନିର୍ବାହ କରିଥିଲେ। ଶାଶ୍ୱତ ପଣ୍ଡା, ସବିର କୁମାର ଧଙ୍ଗଡ଼ାମାଝୀ ନୀଳକଣ୍ଠ ନାଏକ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସୁବାଷ ପଟ୍ଟନାୟକ, ବ୍ରଜମୋହନ ନାଏକ, ଭବାନୀଶଙ୍କର ଗହିର, ଇଛା ଭାଇ ଖେଳ ପରିଚାଳକ ଦାୟିତ୍ୱ ନିର୍ବାହ କରିଥିଲେ। ପରୁଆଗୁଡା ଗ୍ରାମର ବୁଢ଼ାରଜା ଟେଣ୍ଟ ହାଉସ ମଞ୍ଚ ସାଜସଜ୍ଜା କରିଥିବା ବେଳେ ବଙ୍କାପଲା ଗ୍ରାମର ଗଣତନ୍ତ୍ର କୁମ୍ଭାର ଖେଳର ସିଧା ପ୍ରସାରଣ ଓ ଦେପୁର ଗ୍ରାମର ସୂରଜ ମେଲୋଡି ବ୍ୟାଣ୍ଡବାଜା ଦାୟିତ୍ୱ ନିର୍ବାହ କରିଥିଲେ। ଅତିଥି ଭାବେ କଳମପୁର ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗି, କନିଷ୍ଠ ଯନ୍ତ୍ରୀ ପିତାମ୍ବର ହେମ୍ବ୍ରମ୍, ସୁମନ୍ତ ଦଣ୍ଡପାଟ, ବିପିଏମ ରିଗାନିୟସ ଏକ୍କା, କଳମପୁର ଯୋନ ୨ ଜିଲ୍ଲା ପରିଷଦ ସଦସ୍ୟା ନିବେଦିତା ହଂସ, ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ଦେପୁର ଗ୍ରାମର ସମାଜସେବୀ ଦୁର୍ଗାପ୍ରସାଦ ପାତ୍ର, ଚୁରାଗାଁ ଗ୍ରାମର ଶିକ୍ଷାବିତ ଶତୃଘନ ବାଗ, ଆଇନଜୀବୀ ସୁଶିଲ କୁମାର ରାଉତ, ସମାଜସେବୀ ଚେରୁ ନାଏକ ସମେତ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ଅଞ୍ଚଳର ସମାଜସେବୀ ବେଣୁ ଦୀପ ଓ ତାଙ୍କ ସହଯୋଗୀ ଦଳ ଉପସ୍ଥିତ ଥିଲେ। ସାମ୍ବାଦିକ ବିକ୍ରମାଦିତ୍ୟ ସିଂ ଓ ବେଣୁ ଦୀପ ଟ୍ରଫି ଯୋଗାଣ କରିଥିଲେ।

# ବିନା ବିଜୁଳିରେ ଚାଲିଛି କୁରୁମପୁରୀ ଆରୋଗ୍ୟ ମନ୍ଦିର

**ନୂଆପଡ଼ା, ୨୬।୪(ସମିସ)**

ଜନମଙ୍ଗଳ ରାଷ୍ଟ୍ରରେ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅତ୍ୟାବଶ୍ୟକ ବ୍ୟବସ୍ଥା ଭିତରେ ପରିଗଣିତ ହୋଇଥାଏ। ଏଥିପାଇଁ ବିଭାଗ ତରଫରୁ ବାର୍ଷିକ କୋଟି କୋଟି ଟଙ୍କା ବରାଦ କରାଯାଉଛି। ହେଲେ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ସବୁ ଫସର ଫାଟୁଛି। ନୂଆପଡ଼ା ଜିଲ୍ଲା ସଦର ମହାକୁମାଠାରୁ ମାତ୍ର ଦଶ କିଲୋମିଟର ଦୂରବର୍ତ୍ତୀ ଜାତୀୟ ରାଜପଥ ୩୫୩କଡ଼ରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର(ହସ୍ପିଟାଲ) ଏହାର ଜ୍ୱଳନ୍ତ ଉଦାହରଣ। ଗତ ସରକାର ସମୟରେ ନିର୍ମାଣ ହୋଇଥିବା ହସ୍ପିଟାଲ ଆରମ୍ଭ ହେଲା ରୋଗୀ ସେବା ହେଲେ ଆଜି ପର୍ଯ୍ୟନ୍ତ ବିଜୁଳୀ ସଂଯୋଗ ହୋଇନପାରିବା ବର୍ତ୍ତମାନ ସରକାରୀ ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବିନା ବିଜୁଳୀରେ ଦୀର୍ଘ ଦିନ ଧରି କିପରି ରୋଗୀ ସେବା ଚାଲିଥିବ ତାହା ସ୍ୱଷ୍ଟ ଅନୁମେୟ। ବର୍ତ୍ତମାନ ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି, ରୋଗୀ, ଡାକ୍ତର ବସିବା କଷ୍ଟକର ହେଲାଣି। ଫ୍ୟାନ, ଏସି ବ୍ୟବସ୍ଥା ଅଛି, ପାଣି ନାହିଁ କି ପାଇଖାନା ଚାଲୁନାହିଁ। ପ୍ରକାଶ ଯେ ଜିଲ୍ଲାରେ ଗ୍ରାମାଞ୍ଚଳମାନଙ୍କରେ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ତତ୍କାଳୀନ ସରକାର ୨୦୧୬ ମସିହାରେ ଜିଲ୍ଲାରେ କୁରୁମପୁରୀ ସମେତ ୬ଟି ପଞ୍ଚାୟତରେ ଉପସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କରିଥିଲେ। ପରବର୍ତ୍ତୀ ସମୟରେ ଏବର ସରକାର ତାକୁ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ନାଁରେ ରୂପାନ୍ତର କଲେ। ସେତେବେଳେ ଲଖନା, ସିଆଲଟି, ଦର୍ଲିପଡ଼ା ଭଳି ୫ଟି କେନ୍ଦ୍ରରେ ଯେନତେନ ପ୍ରକାରେ ବିଜୁଳୀ ସଂଯୋଗ ହୋଇଗଲା। ହେଲେ ରହିଗଲା କୁରୁମପୁରୀ କେନ୍ଦ୍ର। ଆଜିକୁ ଦଶ ବର୍ଷ ଗଡ଼ିଗଲା ସିନା ବିଜୁଳୀ ଲାଗିବାର ନାଁ ନାହିଁ। ଏଥିପାଇଁ କୁଆଡେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବାରମ୍ବାର ରାଜ୍ୟ ସରକାରଙ୍କୁ ପାଣ୍ଠି ମଗାଯାଇଛି ହେଲେ କେହି ଶୁଣୁ ନାହାନ୍ତି। ଏବର ଜିଲ୍ଲାପାଳ ମଧ୍ୟ ହସ୍ତକ୍ଷେପ କରିସାରିଛନ୍ତି, ବିଭାଗ ନିଦାବିଷ୍ଟ। ଅନ୍ୟୂନ ୫୫, ଲକ୍ଷ ଟଙ୍କାରେ ନିର୍ମାଣ ହୋଇଛି ଗୃହ ଭିତରେ ସମସ୍ତ ପ୍ରକାର ବ୍ୟବସ୍ଥା, ଫ୍ୟାନ, ଏସି ଖଞ୍ଜା ଯାଇଛି, ପାଇଖାନା ଅଛି ଏବଂ ଜଣେ ସ୍ୱାସ୍ଥ୍ୟ ସେବିକା (ସିଏଚଓ) ରହିବା ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। ହେଲେ ବିଜୁଳୀ ନଥିବାରୁ ସିଏଚ୍‌ଓ ଏଠାରେ ରହୁନାହାଁନ୍ତି। ବ୍ୟବସ୍ଥା ଥାଇ ମଧ୍ୟ ନୂଆପଡ଼ାରୁ ଯିବା ଆସିବା କରୁଥିବା ଦେଖାଯାଇଛି। ହସ୍ପିଟାଲ ଭିତରେ ବଲ କି ଫ୍ୟାନ ଚାଲୁନଥିବାରୁ ରୋଗୀ ମୁହଁ ମୋଡି ନୂଆପଡ଼ା ଚାଲି ଯାଉଛନ୍ତି। ଏଭଳି ବ୍ୟବସ୍ଥା ଦେଖି ସାଧାରଣରେ ପ୍ରଶାସନ ପ୍ରତି ଭ୍ରୂକୁଞ୍ଚନ ସୃଷ୍ଟି ହେଉଛି। ଜିଲ୍ଲାପାଳ ହସ୍ତକ୍ଷେପ କରି ହସ୍ପିଟାଲକୁ ସଚଳ କରିବାକୁ ସାଧାରଣରେ ଦାବି ହେଉଛି।

**ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିଦାବିଷ୍ଟ**



